# Akashvani, Sambalpur

## SAMBALPURI NEWS EVENING BULLETIN

## 4 November 2024- 7.02 pm- 7.12 pm.

*********************************************

୧- ବାତ୍ୟା ଦାନା ଲାଗି ନୁକ୍‌ସାନ୍ ହେଇଛେ ୬ ଶହ କୋଟି ଟଙ୍କାର୍ ସମ୍ପତି - କହେଲେ ରାଜସ୍ୱ ମନ୍ତ୍ରୀ ।

୨- ଆଏବା ୨୧ ତାରିଖ୍‌ନୁ ରାଏଜେ ମୁଲ୍ ହେବା ଧାନ୍ ଘିନା ।

- ପହେଲା ବର୍‌ଗଡ୍ ଜିଲ୍ଲାନୁ ରାଜ୍ୟ ସର୍‌କାର୍ ଘିନ୍‌ବେ ଧାନ୍ ।

୩- କାର୍ତିକ୍ ଉଜଲ୍ ପଖର୍ ୩ ନମ୍ବର୍ ସୋମ୍‌ବାର୍‌ଥି ଶ୍ରୀମନ୍ଦିର୍ ନ ଶ୍ରୀଜୀଉମାନ୍‌କର୍ ରାଧା ଦାମୋଦର ଆର୍ ହରିହର ବେଶ ।

୪- ଦକ୍ଷିଣ କୋରିଆ ଗସ୍ତଥି ଓଡ଼ିଶା ବିଧାନ୍‌ସଭାର୍ ବାଚସ୍ପତି ।

ଆଉର୍

୫- ଦକ୍ଷିଣ ପୂର୍ବ ବଙ୍ଗୋପ୍ ସାଗର୍ ନ ଆଏବା କାଏଲ୍ ଗୁଟେ ଘୂର୍ଣ୍ଣିବଳୟ ବନ୍‌ବାର୍ ଅନୁମାନ୍ ।

ବାତ୍ୟା କ୍ଷୟକ୍ଷତି ଆକଳନ୍          ଆର୍ଏନ୍ୟୁ/ କଟକ୍

ସାମୁଦିକ୍ର ଝଡ଼୍ 'ଦାନା' ଲାଗି ହେଇଥିବା ପ୍ରାଥମିକ ଆକଲନ୍ ଅନ୍ସାରେ ୬ ଶହ କୋଟି ଟଙ୍କାର୍ ସମ୍ପତି ନୁକ୍ସାନ୍ ହେଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଗଣମାଧ୍ୟମ୍କେ ସୂଚ୍ନା ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଯେ, ବାଲେଶ୍ୱର୍, ଭଦ୍ରକ୍ ଆର୍ କେନ୍ଦ୍ରାପଡ଼ା ନ ବାତ୍ୟାର୍ ଲାଗି ଜବର୍ ନୁକ୍ସାନ୍ ହେଇଛେ । ଇ ବାବ୍ଦେ ସୂଚ୍ନା ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍....

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ବାତ୍ୟାଥି ୧୬ ହଜାର୍ ୪ ଶହ ୧୬ ଟା ଘର୍ ଭାଙ୍ଗିଛେ । ୧୪ ହଜାର୍ ୬ ଶହ ୮୦ ଟା ଘର୍ ଅଧାତିଆ ଭାଙ୍ଗିଛେ । ହେନ୍ତା ଶକ୍ତିବିଭାଗ୍ର ବେଶୀ ଖଏତ୍ ହେଇଛେ । ଆଏଜ୍ ନୁକ୍ସାନ୍ର ଚୂଡ଼ାନ୍ତ ରିପୋର୍ଟ ତିଆର୍ ହେଲା ଉତ୍ରୁ ଆଏବା କାଏଲ୍ କେନ୍ଦ୍ରକେ ବାତ୍ୟା କ୍ଷୟକ୍ଷତିର ବିବରଣୀ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

୨୧ ନୁ ଧାନ୍ ଘିନା          ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୨୧ ତାରିଖ୍‌ନୁ ରାଏଜେ ଧାନ୍ ଘିନା ମୁଲ୍ ହେବା । ବର୍‌ଗଡ଼୍ ଜିଲ୍ଲାନୁ ସର୍‌କାର୍ ଚାଷୀମାନ୍‌କର୍‌ନୁ ଧାନ୍ ଘିନା ମୁଲ୍ କର୍‌ବେ ବଲି ଆଏଜ୍ ହେଇଥିବା ମନ୍ତ୍ରୀସ୍ତରୀୟ ବୈଠକ୍‌ଥି ନିଷ୍ପତି ହେଇଛେ ।ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଇ ବାବ୍‌ଦେ କହିଛନ୍ ଯେ, ଚଲ୍‌ତି ଖରିଫ୍ ବିପଣନ ବର୍ଷଥି ୮୦ ଲାଖ୍ ଟନ୍ ଧାନ୍ ଘିନା ଯିବା । ଇ ବଛର୍ ରାଜ୍ୟ ସର୍‌କାର୍ ଚାଷୀମାନ୍‌କର୍‌ନୁ କ୍ୱିଂଟାଲ୍‌କ ୩୧ ଶହ ଟଙ୍କାଥି ଧାନ୍ ଘିନ୍‌ବେ । ଧାନ୍‌ର ସର୍ବନିମ୍ନ ସହାୟକ ମୂଲ୍ୟ- ଏମ୍‌ଏସ୍‌ପି ୨୩ ଶହ ଟଙ୍କା ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଇନ୍‌ପୁଟ୍ ସହାୟତା ୮ ଶହ ଟଙ୍କାକେ ମିଶେଇକରି ୩୧ ଶହ ଟଙ୍କାଥି ଚାଷୀମାନେ ଧାନ୍ ବିକ୍‌ବେ । ଧାନ୍ ଘିନା କାମ୍‌କେ ସୁବ୍ୟବସ୍ଥିତ୍ କର୍‌ବାର୍ ଲାଗି ଫିଂ' ମଣ୍ଡି ନ ବିଭାଗ୍‌ର ଅଧିକାରୀମାନେ ଦାୟିତ୍ୱଥି ରହେବେ । ହେନ୍ତା ୪ ନୁ ୫ ମଣ୍ଡିଥି ଝନେ ଲେଖା ସୁପର୍‌ଭାଇଜର୍ ରହେବେ । ସବୁ ମଣ୍ଡି ନ ଧାନର୍ ମାନ ଯାଂଚ୍ ଲାଗି ପରୀକ୍ଷା ଯନ୍ତ୍ର ରହେବା । ମଣ୍ଡି ନୁ ମିଲ୍‌ତକ୍ ଧାନ୍ ପରିବହନ୍ ବ୍ୟବସ୍ଥା ତଦାରଖ୍ ପରିବହନ୍ ବିଭାଗ୍ କର୍‌ବା ବଲି ମନ୍ତ୍ରୀ କହିଛନ୍ ।

ସେନ୍ତା ପଡ଼ୋଶୀ ରାଜ୍ୟନୁ ଧାନ୍ ଯେନ୍ତା ଓଡ଼ିଶାକେ ପ୍ରବେଶ୍ ନାଇଁ କରେ ସେଥିର୍‌ଲାଗି ପେଟ୍ରୋଲିଂ ଟିମ୍‌ର ବ୍ୟବସ୍ଥା କରାଯିବା ବଲି ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- ନୂଆଦିଲ୍ଲୀ        ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆଦିଲ୍ଲୀ ଗସ୍ତ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା କେନ୍ଦ୍ରୀୟ ହିନ୍ଦୀ ସମିତିର୍ ବୈଠକ୍ ନ ଶ୍ରୀ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ହିନ୍ଦୀ ଭାଷାର୍ ପ୍ରଚାର୍, ପ୍ରସାର୍ ବାବ୍‌ଦେ ଇ ବୈଠକ୍ ନ ବିଷଦ୍ ଆଲୋଚନା କରାଯିବା । ମୁଖ୍ୟମନ୍ତ୍ରୀ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଫିର୍‌ବେ ବଲି ଆମର୍ ସମ୍ବାଦଦାତା କହିଛନ୍ ।

ବାଚସ୍ପତି- ଦକ୍ଷିଣ କୋରିଆ ଗସ୍ତ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଦେଶ ଗସ୍ତ କାର୍ଯ୍ୟକ୍ରମ୍‌ଥି ଥିବାର୍ ବିଧାନ୍‌ସଭାର୍ ବାଚସ୍ପତି ସୁରମା ପାଢ଼ୀଙ୍କୁ ଦକ୍ଷିଣ କୋରିଆ ଠାନେ ଭାରତୀୟ ଦୁତାବାସ ତର୍‌ଫୁ ସମ୍ବର୍ଦ୍ଧନା ଦିଆଯାଇଛେ । ଇ ଅବ୍‌ସରେ ଭାରତ୍‌ର ରାଷ୍ଟ୍ରଦୂତ ଅମିତ୍ କୁମାର୍ ବାଚସ୍ପତିଙ୍କୁ ସାକ୍ଷାତ୍ କର୍‌ବାର୍ ସମିଆଥି ଦୁହି ଦେଶ୍ ଭିତ୍‌ରେ ଥିବାର୍ ବନ୍ଧୁତା ସମ୍ପର୍କ ବାବ୍‌ଦେ କହେବାର୍ ସହେତେ ଓଡ଼ିଶା ସହେତେ ଦକ୍ଷିଣ କୋରିଆର୍ ସାମାଜିକ ଆର୍ ସାଂସ୍କୃତିକ ଭାବ

ବିନିମୟ ବାବ୍‌ଦେ ଆଲୋଚନା କରିଥିଲେ । ଅମିତ୍ କୁମାର୍ ଦକ୍ଷିଣ କୋରିଆର୍ ଇସ୍ପାତ୍ ନିର୍ମାଣକାରୀ କମ୍ପାନୀ ପୋସ୍କୋ ସହେତେ ଜିନ୍ଦଲ୍ ଷ୍ଟିଲ୍ କମ୍ପାନୀର ହେଇଥିବା ବୁଝାମଣା ଚୁକ୍ତି ଆର୍ ଓଡ଼ିଶା ନ ଇସ୍ପାତ୍ କମ୍ପାନୀର୍ ପ୍ରତିଷ୍ଠା, ଅଲ୍‌ଗା ବ୍ୟବସାୟିକ ସୁଯୋଗ୍ ଆର୍ ସମ୍ଭାବନା ବାବ୍‌ଦେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କର୍ ସହେତେ ଆଲୋଚନା କରିଥିଲେ ।

ହରିହର ବେଶ ଆର୍‌ଏନ୍‌ୟୁ/ କଟକ୍

କାର୍ତ୍ତିକ୍ ମାସର୍ ଉଜଲ୍‌ପଖର୍ ୩ ନମ୍ବର୍ ସୋମ୍‌ବାର୍ ଉଲ୍‌ଗୁନେ ଆଏଜ୍ ରାଏଜର୍ ମହାଦେବ୍ ମନ୍ଦିର୍ ମାନ୍‌କେ ଭକ୍ତମାନ୍‌କର୍ ଭିଡ଼୍ ହେଇଥିଲା । ଆଠଗଡ଼୍‌ର ବାବା ଧବଳେଶ୍ୱର୍‌ଙ୍କର୍ ପୀଠ ନ ନୀତିକାନ୍ତି ଉତ୍‌ରୁ ଶହେ ୮ ଗରିଆ ସୁବାଶିତ ଜଳ ଥି ମାହାପୁରୁଙ୍କର ସ୍ନାନ କରାଯାଇଥିଲା । ପୁରୀ ଶ୍ରୀମନ୍ଦିର୍ ନ ପରମ୍ପରା ଅନ୍‌ସାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଆଏଜ୍ ରାଧାଦାମୋଦର ବେଶଥି ସଜ୍ଜିତ କରାଯାଇଛେ । ବଡ଼ଠାକୁର ବଳଭଦ୍ର, ହରିହର ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦଉଛନ୍ । ବଡ଼ଠାକୁରଙ୍କୁ ହର ବିବେଚନା କରାଯାଉଥିବାର୍‌ନୁ ତାଙ୍କୁ ଆଏଜ୍ ଅଧା ଧୋପ୍ ଆର୍ ଅଧା କଲା ବେଶଥି ସଜାଯିବାର୍ ସହେତେ ୩୨ ପ୍ରକାରର୍ ସୁନା

ଅଲଙ୍କାର୍ ପରିଧାନ୍ କରାଯାଇଥିଲା । ଶିବ ଆର୍ ବିଷ୍ଣୁଙ୍କର୍ ମିଳିତ ଅଂଶସ୍ୱରୂପ୍ ଇ ଦୁର୍ଲଭ ବେଶ ଦର୍ଶନ୍ ଲାଗି ଶ୍ରୀମନ୍ଦିର୍ ନ ଭକ୍ତମାନ୍‌କର୍ ଜବର୍ ଭିଡ଼୍ ହେଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, କାର୍ତିକ ମାସର୍ ଉଆଁସ୍‌ର ଆରଦିନ ପଂଚ୍‌କର ଆରମ୍ଭ୍ ଏକାଦଶୀ ତିଥି ଭିତ୍‌ରେ ପଡୁଥିବା ସୋମ୍‌ବାର୍ ଦିନ ବଡ଼ଠାକୁରଙ୍କର ଇ ଦୁର୍ଲଭ ହରିହର ବେଶ ହେସି ।

କୃଷି ଯନ୍ତ୍ରପାତି ମେଳା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ରେଢ଼ାଖୋଲ୍ ଠାନେ ସବ୍‌ଡିଭିଜନ୍ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଏଜ୍ ଉଦ୍‌ଘାଟିତ୍ ହେଇଛେ । ବିଧାୟକ୍ ଆର୍ ବିରୋଧୀ ଦଲର୍ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଇ କାର୍ଯ୍ୟକ୍ରମ୍ ଉଦ୍‌ଘାଟନ୍ କରିଥିଲେ । ମେଳାଥି ରେଢ଼ାଖୋଲ୍ ସବ୍-ଡିଭିଜନ୍‌ର ଚାଷୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗ୍ ଦେଇଥିବାର୍ ବେଲେ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଆୟୋଜନ୍ କରାଯାଇଛେ ।

ଅଭିଯୋଗ୍ ଶୁଣାଣି- ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭବାନୀପାଟ୍ନା ଠାନେ ଭିନ୍ ଭିନ୍ ଇଲାକାନୁ ଆସିଥିବା ଲୋକ୍‌ମାନ୍‌କର୍ ଅଭିଯୋଗ୍‌ର ଶୁଣାଣି କରିଛନ୍ । ଶୁଣାଣି ବେଲେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ଉପସ୍ଥିତ୍ ଥିଲେ । ଭାରତୀୟ ଜନତା ପାର୍ଟିର ସ୍ଥାନୀୟ ନେତୃବନ୍ଦଙ୍କୁ ଭେଟିକରି ଭିନ୍ ଭିନ୍ ଦଳୀୟ ପ୍ରସଙ୍ଗ୍‌ଥି ଶ୍ରୀ ଗଣ୍ଡ ଆଲୋଚନା କରିଥିବା ଜନାଯାଇଛେ ।

ଜନଅଭିଯୋଗ୍ ଶୁଣାଣି ଶିବିର

ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର୍ /ବର୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲ୍‌ପୁର ଜିଲ୍ଲା ଧନ୍‌କଉଡ଼ା ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟଠାନେ ଆଏଜ୍ ମିଲିତ ଯୁଗ୍ମ ଜନଶୁଣାଣି ହେଇଥିଲା । ଜିଲ୍ଲାପାଳଙ୍କର୍ ଅଧ୍ୟକ୍ଷତାଥି ୪୭ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା । ଇନ ୧୨ଟା ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିବାର୍ ବେଲେ ହିତାଧିକାରୀମାନ୍‌କୁ ୩ ଚକିଆ ସାଇକିଲ୍, ସି.ପି.

ଚେୟାର୍, ଶୁନ୍‌ବାର୍ ଉପକରଣ୍ ଆଉ ମଧୁବାବୁ ପେନ୍‌ସନ୍ ଦିଆଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ୍ ସମ୍ମିଳନୀ କକ୍ଷ ଠାନେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ଜନଶୁଣାଣି ଶିବିରଥି ୩୫ ଟା ମାମ୍‌ଲାର୍ ଶୁଣାଣି କରିଥିଲେ ।

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ଠାନେ ଆଏଜ୍ ଜିଲ୍ଲା ପ୍ରଶାସନ୍ ଆର୍ ପୁଲିସ୍ ତର୍‌ଫୁ ଜନଶୁଣାଣି ଶିବିର କରାଯାଇଥିଲା । ଇନ ୮୧ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା । ଇନ ୫ନ୍‌କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଆର୍ ୩ ଝନ୍‌କୁ ରେଡ଼କ୍ରସ୍ ପାଣ୍ଠିନୁ ସହାୟତା ଆର୍ ହ୍ୱିଲ୍ ଚେୟାର୍ ଦିଆଯାଇଥିଲା ।

ବର୍‌ଗଡ୍ ଜିଲ୍ଲାର୍ ବର୍‌ପାଲି ପଂଚାୟତ୍ ସମିତି କାର୍ଯ୍ୟାଳୟ ପରିସର ନ ଜିଲ୍ଲାପାଲ୍‌ଙ୍କର୍ ଅଧକ୍ଷତାଥି ଅଭିଯୋଗ୍ ଶୁଣାଣି ଶିବିର ହେଇଥିଲା । ଇନ ୪୨ ଟା ଅଭିଯୋଗ୍‌ର ଶୁଣାଣି କରିକରି ଜିଲ୍ଲାପାଲ୍ ଇ ଅଭିଯୋଗ୍ ମାନ୍‌କର୍ ଉପ୍‌ରେ ତୁର୍‌ତି ପଦକ୍ଷେପ୍ ନେବାର୍‌କେ ଅଧିକାରୀମାନ୍‌କୁ କହିଥିଲେ ।

ପାୱାର୍‌କଟ୍ ସମ୍ବଲପୁର ସମ୍ବାଦଦାତା

ଓପିଟିସିଏଲ୍ ତର୍ଫୁ ସମ୍ବଲ୍ପୁର୍ ଗ୍ରୀଡ୍ ସବ୍ଷ୍ଟେସନ୍ର ବାର୍ଷିକ ରକ୍ଷଣାବେକ୍ଷଣ୍ ଲାଗି ସମ୍ବଲପୁର୍ ସହରର୍ କେତେଟା ଇଲାକା ଆଏବା କାଏଲ୍ ସଖାଲର୍ ସାଢ଼େ ୭ ବଜେନୁ ଉପର୍ବେଲା ୫ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ଅଇଁଠାପାଲି, କ୍ଷେତରାଜ୍ପୁର୍, ରେମେଡ୍, ବୁଢ଼ାରଜା, ବଡ଼ସଡ଼କ୍, ରେଙ୍ଗାଲି, ଧନୁପାଲି, ମୁଦିପଡ଼ା, ପେନ୍ସନ୍ପଡ଼ା, ସୁନାପାଲି ଏରିଆ ନ ଇ କଟ୍କନା ଲାଗୁ ରହେବା ବଲି ସୂଚନା ଦିଆଯାଇଛେ ।

ମେଘନାଦ ପାଚେରୀ ଆର୍ଏନ୍ୟୁ / କଟକ୍

ପୁରୀ ଶ୍ରୀମନ୍ଦିର୍ର ବହୁତ୍ ପୁର୍ନା କୀର୍ତି ମେଘନାଦ ପାଚେରର୍ ସୁରକ୍ଷା ଲାଗି ଜଲ୍ଦି ବିହିତ ପଦକ୍ଷେପ୍ ନେବାର୍କେ ଭାରତୀୟ ପ୍ରତ୍ନତତ୍ୱ ବିଭାଗ୍ ତର୍ଫୁ ଶ୍ରୀମନ୍ଦିର୍କେ ଚିଠି ଲେଖାଯାଇଛେ । ପାଚ୍ରୀ ନୁ ପାଏନ୍ ଝର୍ବାର୍ଟା ବନ୍ଦ୍ କର୍ବାର୍ ବାବ୍ଦେ ଦର୍କାରୀ ପଦକ୍ଷେପ୍ ନେବାର୍କେ ଚିଠିଥି ଲେଖାଯାଇଛେ । ଆନନ୍ଦ ବଜାର୍ର ପାଏନ୍ ସହେତେ ସେଠାନେ ବେଭାର୍ ହେଉଥିବା ପାଏନ୍ପାଇପ୍କେ ତୁର୍ତି ମରାମତି କର୍ବାର୍ ଲାଗି ପତ୍ନତତ୍ୱ ବିଭାଗ୍ ତର୍ଫୁ କୁହାଯାଇଛେ ।

ସ୍ପେଶାଲ୍ ଟ୍ରେନ୍      ଆର୍‌ଏନ୍‌ୟୁ/ କଟକ୍

ଛଟ୍ ପର୍ବକେ ଆଖି ଆଗାଡ଼େ ରଖିକରି ଯାତ୍ରୀମାନ୍‌କର୍ ସୁବିଧା ଆର୍ ସହଜ୍ ଯାତ୍ରାର୍ ଲାଗି ରେଲ୍‌ବାଇ ତରଫୁ ସ୍ୱତନ୍ତ୍ର ରେଲ୍ ଚଲାବାର୍‌କେ ବ୍ୟବସ୍ଥା କରାଯାଇଛେ । ଭିଡ୍ ପରିଚାଳନା ଲାଗି ଶହେ ୮୫ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲଉଥିବାର୍ ବେଲେ ୨୫ ଟା ପୂଜା ସ୍ୱତନ୍ତ୍ର ଟ୍ରେନ୍ ଦିଲ୍ଲୀର୍ ଭିନ୍ ଭିନ୍ ଅଂଚଲ୍‌ନୁ ସାରା ଦେଶ୍‌କେ ଚଲାଚଲ୍ କରୁଛେ । ସୂଚ୍‌ନା ଅନ୍‌ସାରେ ସହର୍‌ସା, ବାରଣାସୀ, ଅଯୋଧ୍ୟା, ଲକ୍ଷ୍ନୌ, ପାଟ୍‌ନା, ମୁଜାଫର୍‌ପୁର୍, ଗୋରଖ୍‌ପୁର୍, ପ୍ରୟାଗ୍‌ରାଜ୍, ଦର୍‌ଭଙ୍ଗା, ତିରୁଅନନ୍ତପୁରମ୍‌କେ ଟ୍ରେନ୍ ଚଲାଚଲ୍ କରୁଛେ ।

ଉତର୍ ରେଲ୍‌ବାଇ ମୁଖ୍ୟ ଜନସମ୍ପର୍କ ଅଧିକାରୀ ହିମାଂଶୁ ଶେଖର୍ ଉପାଧ୍ୟାୟ କହିଛନ୍ ଯେ, ରେଲ୍‌ବାଇ ନିୟମିତ ଟ୍ରେନ୍ ବାହାରେ ବିଶେଷ୍ ପୂଜା ଟ୍ରେନ୍ ଚଲାବାର୍‌କେ ବ୍ୟବସ୍ଥା କରାଯାଇଛେ । ରେଲ୍‌ବୋର୍ଡ଼ର ଅଧ୍ୟକ୍ଷ ସତୀଶ୍ କୁମାର୍ ଗଲାରାତି ଦିଲ୍ଲୀ ରେଲ୍‌ଷ୍ଟେସନ୍ ପରିଦର୍ଶନ୍ କରିକରି ଯାତ୍ରୀମାନ୍‌କୁ ଯୁଗେଇ ଦିଆଯାଉଥିବା ସବୁ ବ୍ୟବସ୍ଥା ଆର୍ ସୁବିଧାର୍ ତଦାରଖ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ଆଏବା କାଏଲ୍ ଗୁଟେ ଘୂର୍ଣ୍ଣିବଲୟ ବନ୍‌ବାର୍ ଅନୁମାନ୍ କରାଯାଇଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଇ ଘୂର୍ଣ୍ଣିବଲୟର୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇପାରେ ।

ସେଆଡ଼େ ଗଲା ଅକ୍ଟୋବର୍ ମାସ୍ ସବୁଠାନୁ ତତ୍‌ଲା ମାସ୍ ଥିଲା ।

ଅକ୍ଟୋବର୍ ମାସେ ତାତି ୨୬ ଦଶ୍‌ମିକ୍ ୯ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା । ଯେନ୍‌ଟାକି ସ୍ୱାଭାବିକ୍ ନୁ ୧ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ଅଏତ୍‌କା ଆଏ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଶହେ ୨୩ ବରସ୍ ଭିତ୍‌ରେ ଇ ବଛ୍‌ରର୍ ଅକ୍ଟୋବର୍ ସବୁଠାନୁ ତତ୍‌ଲା ମାସ୍ ଥିଲା । ଚଲ୍‌ତି ନଭେମ୍ବର୍ ମାସେ ଭିଲ୍ ଦେଶେ ହାରାହାରି ତାତି ଟିକେ ଅଏତ୍‌କା ରହେବା । ହେଲେ ଆଏବା ଜାନୁଆରୀ ଆର୍ ଫେବୃଆରୀ ମାସେ ଶୀତର୍ ଅଏତ୍‌କା ପ୍ରଭାବ୍ ରହେବା ବଲି ଜନାପଡ଼ିଛେ ।